# NATIONAL NEWS BULLETIN (ODIA)

## 12 September - 2025

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଦେଶର ପଞ୍ଚଦଶ ଉପରାଷ୍ଟ୍ରପତି ଭାବେ ଶପଥ ନେଲେ ସି.ପି. ରାଧାକ୍ରିଷ୍ଣନ୍ ।
- ଭାରତର ପାଣ୍ଡୁଲିପି’ ସମୁଚିତ ମାନବ ବିକାଶ ଯାତ୍ରାର ପଦଚିହ୍ନ – ଜ୍ଞାନ ଭାରତମ୍ ଆନ୍ତର୍ଜାତିକ ସମ୍ମିଳନୀରେ କହିଲେ ପ୍ରଧାନମନ୍ତ୍ରୀ ।
- ମିଜୋରାମରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ୯ ହଜାର କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ବିଭିନ୍ନ ପ୍ରକଳ୍ପର କରିବେ ଉଦ୍‌ଘାଟନ ଓ ଶିଳାନ୍ୟାସ ।

– ବୈରାବି-ସୈରାଙ୍ଗ ନୂତନ ରେଳ ଲାଇନ୍ ପ୍ରକଳ୍ପ ହେବ ଉଦ୍‌ଘାଟିତ ।

ଏବଂ

- ଏସିଆକପ୍ ପୁରୁଷ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ପାକିସ୍ତାନ ଏବଂ ଓମାନ ମଧ୍ୟରେ ହେବ ମୁକାବିଲା ।

# ଭିପି-ଓଥ୍

ଦେଶର ପଞ୍ଚଦଶ ଉପରାଷ୍ଟ୍ରପତି ଭାବେ ସି.ପି. ରାଧାକୃଷ୍ଣନ ଆଜି ରାଷ୍ଟ୍ରପତି ଭବନରେ ଶପଥଗ୍ରହଣ କରିଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ ।

ଶପଥଗ୍ରହଣ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଏବଂ କେନ୍ଦ୍ରମନ୍ତ୍ରୀ ଅମିତ ଶାହା, ରାଜନାଥ ସିଂହ, ଜେ.ପି.ନଡ୍ଡା, ପୀୟୁଷ ଗୋଏଲ ଏବଂ ନୀତିନ ଗଡକରୀ ପ୍ରମୁଖ ଉପସ୍ଥିତ ଥିଲେ ।

ନୂଆ ଉପରାଷ୍ଟ୍ରପତି ଭାବେ ଶପଥଗ୍ରହଣ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସି.ପି. ରାଧାକୃଷ୍ଣନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି ନୂଆ ଉପରାଷ୍ଟ୍ରପତି ତାଙ୍କ କାର୍ଯ୍ୟକାଳ ସଫଳ ଭାବେ ପୂରଣ କରିବା ସହ ଲୋକମାନଙ୍କ ପ୍ରତି ସେବା ମନୋଭାବ ରଖିବେ । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ରାଧାକୃଷ୍ଣନଙ୍କୁ ଜଣେ ଉତ୍ସର୍ଗୀକୃତ ଲୋକସେବକ ଭାବେ ବର୍ଣ୍ଣନା କରି ଶ୍ରୀ ମୋଦୀ କହିଛନ୍ତି ଦେଶ ଗଠନ, ସାମାଜିକ ସେବା ଏବଂ ଗଣତନ୍ତ୍ରର ମୂଲ୍ୟବୋଧକୁ ସୁଦୃଢ଼ କରିବା ଦିଗରେ ସେ ବ୍ରତୀ ରହିଛନ୍ତି ।

# ପିଏମ୍-ଜ୍ଞାନ ଭାରତମ୍

ଭାରତର ପାଣ୍ଡୁଲିପି ସମୁଚିତ ମାନବ ବିକାଶ ଯାତ୍ରାର ପଦଚିହ୍ନ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ନୂଆଦିଲ୍ଲୀରେ ଜ୍ଞାନ ଭାରତମ୍ ଆନ୍ତର୍ଜାତିକ ସମ୍ମିଳନୀରେ ଆଜି ଯୋଗଦେଇ ଶ୍ରୀ ମୋଦୀ କହିଛନ୍ତି, ଭାରତରେ ୮୦ଟି ଭାଷାରେ ପାଣ୍ଡୁଲିପି ରହିଛି । ସଂସ୍କୃତ, କାଶ୍ମୀରି, ମାଲାୟଲମ୍, ମରାଠୀ ଆଦି ବିଭିନ୍ନ ଭାଷାରେ ରହିଥିବା ଏହି ପାଣ୍ଡୁଲିପି ଗୁଡ଼ିକ ଏକତାର ବାର୍ତ୍ତା ପ୍ରଦାନ କରୁଛି । ବିଭିନ୍ନ ପାଣ୍ଡୁଲିପିରେ ରାଜନୀତି, ବିଜ୍ଞାନ, ଅର୍ଥନୀତି, ସ୍ୱାସ୍ଥ୍ୟସେବା, ଗଣିତ ଓ ମହାକାଶ ବିଜ୍ଞାନ ଠାରୁ ଆରମ୍ଭ କରି ସବୁ ପ୍ରକାର ଆଧୁନିକ ଜ୍ଞାନ ରହିଛି । ଦେଶରେ ରହିଥିବା ପାଣ୍ଡୁଲିପି ଭଣ୍ଡାର ଭାରତର ଗୌରବ ବୋଲି ସେ କହିଛନ୍ତି । ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୦ ଲକ୍ଷ ପାଣ୍ଡୁଲିପିକୁ ଡିଜିଟାଇଜେସନ୍ କରାଯାଇ ସାରିଲାଣି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । **V/O- PM**

ଆମ ଦେଶର ଜ୍ଞାନ ପରମ୍ପରା ଅତ୍ୟନ୍ତ ସମୃଦ୍ଧ ଏବଂ ବେଦ ପୁରାଣ ଆଦି ଭାରତୀୟ ସଂସ୍କୃତିର ଆଧାର ବୋଲି ଶ୍ରୀ ମୋଦୀ କହିଛନ୍ତି । ଭାରତରେ ଶୂନ୍ୟର ଆବିଷ୍କାର ଗଣିତ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଆଣିପାରିଥିଲା ବୋଲି ସେ ସୂଚନା ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଜ୍ଞାନ ଭାରତ ମିଶନ୍ ପାଇଁ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ଏହି ଅବସରରେ ଶ୍ରୀ ମୋଦୀ ଜ୍ଞାନ ଭାରତମ୍ ପୋର୍ଟାଲ୍‌ର ଶୁଭାରମ୍ଭ କରିଛନ୍ତି । ଜ୍ଞାନ ଭାରତମ୍ ପୋର୍ଟାଲ୍ ମାଧ୍ୟମରେ ଡିଜିଟାଲ୍ ପ୍ଲାଟ୍‌ଫର୍ମରେ ପାଣ୍ଡୁଲିପିର ଡିଜିଟାଇଜେସନ୍ କରିବା, ସଂରକ୍ଷଣ ଏବଂ ସାଧାରଣରେ ଉପଲବ୍ଧ କରାଇବା ଦିଗରେ କାର୍ଯ୍ୟ ସହଜ ହୋଇପାରିବ । ଏହି ତିନି ଦିନିଆ ସମ୍ମିଳନୀ ଗତକାଲିଠାରୁ ଆରମ୍ଭ ହୋଇଛି । ସମ୍ମିଳନୀର ଶୀର୍ଷକ ରହିଛି 'ପାଣ୍ଡୁଲିପି ଐତିହ୍ୟ ମାଧ୍ୟମରେ ଭାରତର ଜ୍ଞାନ ଭଣ୍ଡାରର ପୁନରୁଦ୍ଧାର କରିବା' । ଏହି ସମ୍ମିଳନୀରେ ବୁଦ୍ଧିଜୀବୀ, ନୀତିନିର୍ଦ୍ଧାରକ, ବୈଷୟିକ ବିଶେଷଜ୍ଞମାନେ ଯୋଗଦେଇଛନ୍ତି ।

## ପିଏମ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲିଠାରୁ ଚଳିତ ମାସ ୧୫ ତାରିଖ, ସୋମବାର ପର୍ଯ୍ୟନ୍ତ ମିଜୋରାମ, ମଣିପୁର, ଆସାମ, ପଶ୍ଚିମବଙ୍ଗ ଏବଂ ବିହାର ଗସ୍ତ କରିବେ ।

ମିଜୋରାମ୍ ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ୯ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ପ୍ରଧାନମନ୍ତ୍ରୀ ଆସନ୍ତାକାଲି ମିଜୋରାମ ଗସ୍ତ କାଳରେ ବୈରାବି-ସୈରାଙ୍ଗ ନୂତନ ରେଳ ଲାଇନ୍ ପ୍ରକଳ୍ପର ଉଦ୍‌ଘାଟନ କରିବେ । ଏହି ରେଳ ଲାଇନ୍ ମିଜୋରାମ ରାଜଧାନୀ ଆଇଜଲ୍‌କୁ ଭାରତୀୟ

ରେଳବାଇ ନେଟ୍‌ୱର୍କ ସହ ସଂଯୋଗ ସ୍ଥାପନ କରିବ । ଏହା ମିଜୋରାମ ଇତିହାସରେ ପ୍ରଥମ । ପ୍ରାୟ ୮ ହଜାର କୋଟି ଟଙ୍କା ବ୍ୟୟରେ ମିଜୋରାମ ଠାରେ ୫୧ କିଲୋମିଟରରୁ ଊର୍ଦ୍ଧ୍ୱ ରେଳ ଲାଇନ୍ ନିର୍ମାଣ କରାଯାଇଛି । ଗୌହାଟୀ, ଅଗରତାଲା ଏବଂ ଇଟାନଗର ପରେ ଆଇଜଲ୍ ହେଉଛି ଚତୁର୍ଥ ଉତ୍ତର-ପୂର୍ବାଞ୍ଚଳ ରାଜଧାନୀ ସହର, ଯାହାକୁ କି ଭାରତୀୟ ରେଳବାଇ ନେଟ୍‌ୱର୍କ ସହ ଯୋଗାଯୋଗ କରାଯାଇପାରିଛି ।

ଏହା ଫଳରେ ବାଣିଜ୍ୟ, ପର୍ଯ୍ୟଟନ ଏବଂ ଅର୍ଥନୈତିକ ଅଭିବୃଦ୍ଧିର ଦ୍ୱାର ଉନ୍ମୁକ୍ତ ହେବ ବୋଲି ସୂଚନା ଦିଆଯାଇଛି । ଆକାଶବାଣୀ ସମ୍ବାଦ ବିଭାଗକୁ ମିଜୋରାମ ରାଜ୍ୟପାଳ ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଜେନେରାଲ୍ ଭି.କେ. ସିଂହ କହିଛନ୍ତି, ଏହି ବୈରାବି-ସୈରାଙ୍ଗ ରେଳ ପ୍ରକଳ୍ପ ମିଜୋରାମ୍‌ର  ଏକ ମହତ୍ୱାକାଂକ୍ଷି ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ । ଜେନେରାଲ୍ ସିଂହ କହିଛନ୍ତି, ଏହି ପ୍ରକଳ୍ପ ଯୋଗୁଁ ଯାତ୍ରା ସମୟ, ମାଲ ପରିବହନ ସମୟ ହ୍ରାସ କରାଯିବା ସହ ବାଣିଜ୍ୟ ଓ ପର୍ଯ୍ୟଟନ କ୍ଷେତ୍ର ତ୍ୱରାନ୍ୱିତ ହୋଇପାରିବ ଏବଂ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

## V/O-1-V-K-SINGH-ON-PM-VISIT

ପ୍ରଧାନମନ୍ତ୍ରୀ ମିଜୋରାମ ଗସ୍ତ କାଳରେ ତିନୋଟି ଟ୍ରେନ୍ ଆଇଜଲ-ଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍, ସୈରାଙ୍ଗ-କୋଲକାତା ଏକ୍ସପ୍ରେସ୍ ଏବଂ ସୈରାଙ୍ଗ-ଗୌହାଟୀ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିବେ ।

ପ୍ରଧାନମନ୍ତ୍ରୀ ଆସନ୍ତାକାଲି ମଧ୍ୟ ମଣିପୁର ଗସ୍ତରେ ଯାଇ ସେଠାରେ ୮ ହଜାର ୫୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବେ । ଆସାମ ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗୌହାଟୀ ସ୍ଥିତ ଡକ୍ଟର ଭୁପେନ ହଜାରେକାଙ୍କ ଜନ୍ମ ଶତବାର୍ଷିକୀ ସମାରୋହରେ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଅବସରରେ ସେଠାରେ ଆୟୋଜିତ ସାଧାରଣ ସଭାରେ ସେ ଉଦ୍‌ବୋଧନ ଦେବେ ।

ପ୍ରଧାନମନ୍ତ୍ରୀ ଆସାମରେ ୧୮ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ଭିତ୍ତିଭୂମି ଏବଂ ଶିଳ୍ପ ବିକାଶ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ଶେଷ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗ ଗସ୍ତରେ ଯାଇ କୋଲକାତା ଠାରେ ଷୋଡ଼ଶ ମିଳିତ କମାଣ୍ଡର ସମ୍ମିଳନୀ ଉଦ୍‌ଘାଟନ କରିବେ । ଶ୍ରୀ ମୋଦୀ ବିହାର ଗସ୍ତ କାଳରେ ପୁର୍ଣ୍ଣିଆ ବିମାନ ବନ୍ଦର ନୂତନ ଟର୍ମିନାଲ୍ ଭବନର ଉଦ୍‌ଘାଟନ କରିବେ । ସେ ମଧ୍ୟ ଜାତୀୟ ମଖାନା ବୋର୍ଡ୍‌ର ଶୁଭାରମ୍ଭ କରିବା ସହ ପୁର୍ଣ୍ଣିଆ ଠାରେ ୩୬ ହଜାର କୋଟି ଟଙ୍କା ମୂଲ୍ୟର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବେ ।

# ପିଏମ୍ ନର୍ଥ ଇଷ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦେଶର ଉତ୍ତର-ପୂର୍ବାଞ୍ଚଳ ଆଗୁଆ ରାଜ୍ୟ ଉପରେ ଆଧାରିତ ଏକ ପ୍ରବନ୍ଧକୁ ସେୟାର୍ କରିଛନ୍ତି । ଆସନ୍ତାକାଲି ବୈରବି-ସାଇରାଙ୍ଗ ରେଳଲାଇନ୍ ଉଦ୍‌ଘାଟନ ଏକ ଐତିହାସିକ ମାଇଲ୍‌ଖୁଣ୍ଟ ଶୀର୍ଷକ ନେଇ ଶ୍ରୀ ବୈଷ୍ଣବ ଏକ ପ୍ରବନ୍ଧ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି । ଏହି ରେଳ ଲାଇନ୍ ମିଜୋରାମକୁ ଜାତୀୟ ରେଳ ନେଟ୍‌ୱର୍କ ସହ ସଂଯୋଗ କରିବ ଏବଂ ବାଣିଜ୍ୟ, ଯୋଗାଯୋଗ କ୍ଷେତ୍ରରେ ନୂତନ ଦ୍ୱାର ଉନ୍ମୁକ୍ତ କରିବ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କୁହାଯାଇଛି,  ଉତ୍ତର-ପୂର୍ବାଞ୍ଚଳ ଆଉ ବିକାଶ ଦିଗରେ ସମ୍ଭାବ୍ୟ ରାଜ୍ୟ ହୋଇ ନାହିଁ ବରଂ ଭାରତ ବିକାଶର କେନ୍ଦ୍ରସ୍ଥଳ ପାଲଟିଛି ।

# ବୈଷ୍ଣବ-ମିଜୋରାମ ରେଳ ପ୍ରୋଜେକ୍ଟ

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ମିଜୋରାମ ଗସ୍ତ କାଳରେ ବହୁ ଗୁରୁତ୍ୱପୂର୍ଣ୍ଣ ବୈରାବି-ସୈରାଙ୍ଗ୍ ନୂତନ ରେଳ ପ୍ରକଳ୍ପ ଉଦ୍‌ଘାଟନ କରିବେ । ସୈରାଙ୍ଗ୍ ରେଳ ଷ୍ଟେସନ୍‌ଠାରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ଶ୍ରୀ ବୈଷ୍ଣବ

କହିଛନ୍ତି, ଏହି ପ୍ରକଳ୍ପ ବହୁ କଷ୍ଟକର ଥିଲା । ଏଥିରେ ୪୫ଟି ସୁଡ଼ଙ୍ଗ ଏବଂ ୫୫ଟି ବୃହତ ସେତୁ ରହିଛି । ଏହି ପ୍ରକଳ୍ପ ଦ୍ୱାରା ମିଜୋରାମବାସୀଙ୍କ ଜୀବନମାନରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ତିନୋଟି ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିବେ । ଶ୍ରୀ ବୈଷ୍ଣବ କହିଛନ୍ତି, ମାଲ୍‌ବାହୀ ଟ୍ରେନ୍ ମଧ୍ୟ ଆସନ୍ତା ରବିବାର ଠାରୁ କାର୍ଯ୍ୟକାରୀ କରିବ । ୨୦୧୪ ମସିହା ପୂର୍ବରୁ ଉତ୍ତର-ପୂର୍ବାଞ୍ଚଳ ରେଳ ପ୍ରକଳ୍ପ ପାଇଁ ମାତ୍ର ୨ ହଜାର କୋଟି ଟଙ୍କା ଆବଣ୍ଟନ କରାଯାଇଥିବା ବେଳେ ନରେନ୍ଦ୍ର ମୋଦୀ ନେତୃତ୍ୱାଧୀନ ସରକାରଙ୍କ ଅମଳରେ ଅର୍ଥରାଶୀ ୫ ଗୁଣ ବୃଦ୍ଧି କରାଯାଇଛି ।

## ମାଣ୍ଡବ୍ୟ-କ୍ରୀଡ଼ା ସମିଟ୍

ଦେଶର ପ୍ରତ୍ୟେକ ଗ୍ରାମ ଓ ସହରାଞ୍ଚଳକୁ କ୍ରୀଡ଼ା କେନ୍ଦ୍ର ଭାବେ ଗଢ଼ି ତୋଳିବା ପାଇଁ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଆହ୍ୱାନ ଦେଇଛନ୍ତି । ନୂଆଦିଲ୍ଲୀରେ ଏକ ଘରୋଇ ଗଣମାଧ୍ୟମ ପକ୍ଷରୁ ଆୟୋଜିତ କ୍ରୀଡ଼ା ସମିତିରେ ଉଦ୍‌ବୋଧନ ଦେଇ କ୍ରୀଡ଼ାକୁ ଗଣଆନ୍ଦୋଳନରେ ପରିଣତ କରିବାକୁ ଶ୍ରୀ ମାଣ୍ଡବ୍ୟ ଗୁରୁତ୍ୱ ପ୍ରଦାନ କରିଛନ୍ତି । ରବିବାରରେ ସାଇକେଲ୍ ଚଲାଇବା ପରି ପଦକ୍ଷେପ ସହ

ତୃଣମୂଳ ସ୍ତରରେ କ୍ରୀଡ଼ା ସଂସ୍କୃତିର ପ୍ରସାର ପାଇଁ କେନ୍ଦ୍ର ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । କ୍ରୀଡ଼ାରେ ଆଗୁଆ ଥିବା ବିଶ୍ୱର ୫ଟି ଦେଶ ମଧ୍ୟରେ ଭାରତକୁ ସ୍ଥାନିତ କରିବା ପାଇଁ ସରକାରଙ୍କ ଦୂରଦୃଷ୍ଟି ସମ୍ପର୍କରେ ଶ୍ରୀ ମାଣ୍ଡବ୍ୟ ପ୍ରକାଶ କରିଛନ୍ତି ।

ଜାତୀୟ କ୍ରୀଡ଼ା ପରିଚାଳନା ଆଇନ୍ ୨୦୨୫ ସମ୍ପର୍କରେ ଶ୍ରୀ ମାଣ୍ଡବ୍ୟ କହିଛନ୍ତି, ଏହା ଦେଶରେ ନୂଆ କ୍ରୀଡ଼ା ସଂସ୍କୃତିକୁ ବିକଶିତ କରିବ ।

## ଜାପାନ୍-ସେଣ୍ଟନାରିଏମ୍

ଜାପାନ୍‌ରେ ଶତାୟୁ ଲୋକଙ୍କ ସଂଖ୍ୟା ୯୯ ହଜାରରୁ ଊର୍ଦ୍ଧ୍ୱ ହୋଇଛି । ୧୯୮୧ ମସିହାରେ ଏହି ଲୋକଙ୍କ ସଂଖ୍ୟା ଏକ ହଜାର ଏବଂ ୧୯୯୮ରେ ୧୦ ହଜାର ଥିବା ବେଳେ ଏବେ ଏହି ସଂଖ୍ୟା ନୂଆ ରେକର୍ଡ଼ କରିଥିବା ନେଇ ଜାପାନ୍ ସରକାରଙ୍କ ପକ୍ଷରୁ ସୂଚନା ମିଳିଛି । ଶତାୟୁ ଲୋକଙ୍କ ମଧ୍ୟରେ ମହିଳାଙ୍କ ସଂଖ୍ୟା ୮୭ ହଜାର ୭୮୪ ଥିବାବେଳେ ପୁରୁଷଙ୍କ ସଂଖ୍ୟା ପ୍ରାୟ ୧୨ ହଜାର ରହିଛି । ଆସନ୍ତା ସପ୍ତାହରେ ଜାପାନ ସରକାରଙ୍କ ପକ୍ଷରୁ ବୟସ୍କ ଲୋକଙ୍କ ପାଇଁ ଛୁଟି ଦିନ ପାଳନ କରାଯିବ ।

# ଏସିଆକପ୍

ଏସିଆକପ୍ ପୁରୁଷ କ୍ରିକେଟ୍ ପ୍ରତିଯୋଗିତାରେ ଗ୍ରୁପ୍-ଏର ଏକ ମ୍ୟାଚ୍‌ରେ ପାକିସ୍ତାନ ଏବଂ ଓମାନ୍ ମଧ୍ୟରେ ଆଜି ଭାରତୀୟ ସମୟ ରାତି ୮ଟାରେ ଦୁବାଇ ଠାରେ ମୁକାବିଲା ହେବ । ଗତକାଲିର ଗ୍ରୁପ୍-ବି' ମ୍ୟାଚ୍‌ରେ ବାଂଲଶଦେଶ' ହଂକଂକୁ ୭ଉ୍ୱିକେଟ୍‌ରେ ପରାସ୍ତ କରିଥିଲା ।